# ଅଧ୍ୟାୟ-୬: କାର୍ଯ୍ୟାବଳୀ ଓ ସେଗୁଡିକର ସଂପାଦନ

## ୬.୧ ଅନୁମୋଦନୀୟ କାର୍ଯ୍ୟାବଳୀ-

୬.୧.୧ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ (ଏନ୍.ଆର୍.ଇ.ଜି.ଏ.) ର ଅଭିପ୍ରାୟ ହେଉଛି ଗ୍ରାମାଞ୍ଚଳ ମାନଙ୍କରେ କର୍ମନିଯକ୍ତି ଯୋଗାଇଦେବାର ଏକ ମୌଳିକ ଗ୍ୟାରେଣ୍ଟି ପ୍ରଦାନ କରିବା । ଏଥିପାଇଁ କି ପ୍ରକାର କାର୍ଯ୍ୟମାନ ହାତକୁ ନିଆଯାଇ ପାରିବ, ତାହା ଆଇନ୍ ଦ୍ୱାରା ସୂଚୀତ ହୋଇଛି । ଆଇନ୍‌ର ଅନୁସୂଚୀ-୧ ଅନୁଯାୟୀ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ (ଆର୍.ଇ.ଜି.ଏସ୍.) ନିମ୍ନୋକ୍ତ କାର୍ଯ୍ୟଗୁଡିକ ଉପରେ ଅଗ୍ରାଧିକାର ପ୍ରଦାନ କରିବ:

(୧) ଜଳ ସଂରକ୍ଷଣ ଓ ଜଳ ଅମଳ ;

(୨) ବନୀକରଣ ଓ ବୃକ୍ଷ ରୋପଣ ସମେତ ମରୁଡି ନିରାକରଣ ;

(୩) ଅଣୁ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟ ସମେତ ଜଳସେଚନ କେନାଲସମୂହ ;

(୪) ଅନୁସୂଚୀତ ଜାତି ଓ ଜନଜାତିର ପରିବାରବର୍ଗ, ଭୂ-ସଂସ୍କାରର ହିତାଧିକାରୀ ବା ଇନ୍ଦିରା ଆବାସ ଯୋଜନା/ବି.ପି.ଏଲ୍. ପରିବାରର ହିତାଧିକାରୀମାନଙ୍କ ଜମିକୁ ଜଳସେଚନର ସୁବିଧା ଯୋଗାଣ ;

(୫) ପୋତି ହୋଇ ପଡିଥିବା ପୁଷ୍କରିଣୀର ଖନନ ସମେତ ପାରମ୍ପରିକ ଜଳାଶୟ ଗୁଡିକର ପୁନରୁଦ୍ଧାର ;

(୬) ଭୂ-ଉନ୍ନୟନ ;

(୭) ଜଳମଗ୍ନ ଅଞ୍ଚଳରୁ ଜଳ ନିଷ୍କାସନ ସମେତ ବନ୍ୟା ନିୟନ୍ତ୍ରଣ ଏବଂ ବନ୍ଧବାଡ ନିର୍ମାଣ କାର୍ଯ୍ୟ ;

(୮) ସବୁଦିନିଆ ଗମନାଗମନର ସୁବିଧା ପାଇଁ ଗ୍ରାମାଞ୍ଚଳ ସଂଯୋଗୀକରଣ । ରାସ୍ତା ନିର୍ମାଣ କାର୍ଯ୍ୟକ୍ରମ ଭିତରେ ଆବଶ୍ୟକ ସ୍ଥଳେ ଗ୍ରାମାଞ୍ଚଳରେ ଜଳ ନିଷ୍କାସନ ପ୍ରଣାଳୀ ନିର୍ମାଣ କରିବା ସହିତ କଲଭେଟ୍ ନିର୍ମାଣ ଅନ୍ତର୍ଭୁକ୍ତ ରହିବ । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଶୃଙ୍ଖଳା ଭିତରେ ଅନ୍ତର୍ଭୁକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଯେପରି ଏନ୍.ଆର୍.ଇ.ଜି.ଏ. ଅଧୀନରେ ସମ୍ପାଦିତ ନହେବ, ସେଥିପାଇଁ ଯତ୍ନବାନ୍ ହେବାକୁ ପଡିବ । ଅନୁସୂଚୀତ ଜାତି ଏବଂ ଅନୁସୂଚୀତ ଜନଜାତି ମାନଙ୍କର ବସତିକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ଉପରେ ଅଗ୍ରାଧିକାର ଦେବାକୁ ପଡିବ ।

(୯) ଅନ୍ୟ ଯେକୌଣସି କାର୍ଯ୍ୟ, ଯାହା କି ରାଜ୍ୟ ସରକାରଙ୍କ ସହ ପରାମର୍ଶକ୍ରମେ କେନ୍ଦ୍ରସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇପାରେ ।

୬.୧.୨ ଅନୁମୋଦନୀୟ କାର୍ଯ୍ୟାବଳୀର ଉପରୋକ୍ତ ସୂଚୀ କେବଳ ପ୍ରାଥମିକ ପର୍ଯ୍ୟାୟରେ ଅଗ୍ରାଧିକାର ବହନ କରୁଥିବା କାର୍ଯ୍ୟକ୍ଷେତ୍ରଗୁଡିକର ଏକ ତାଲିକା ମାତ୍ର । କେତେକ ପରିସ୍ଥିତି, କେତେକ ସ୍ଥାନରେ ବା କେତେକ ଋତୁରେ ଅନୁମୋଦନୀୟ କାର୍ଯ୍ୟାବଳୀର ଉପରୋକ୍ତ ସୂଚୀ ଭିତରେ ସୀମିତ ରହିବା କାରଣରୁ କର୍ମନିଯୁକ୍ତିର ଗ୍ୟାରେଣ୍ଟି ଦେବା ସହଜସାଧ୍ୟ ହୋଇନପାରେ । ଏ ପ୍ରକାର ସ୍ଥିତିମାନଙ୍କରେ ଅନୁସୂଚୀ-୧ର ବିନ୍ଦୁ ୧(୯)ର ପ୍ରୟୋଗ ବଳରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଭିତରେ ପରାମର୍ଶ ଭିତ୍ତିରେ ନୂତନ ପ୍ରକାରର କାର୍ଯ୍ୟାବଳୀକୁ ଉପରୋକ୍ତ ତାଲିକା ସହ ଯୋଡାଯାଇ ପାରେ । ନୂତନ ପ୍ରକାରର କାର୍ଯ୍ୟାବଳୀକୁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ନିକଟକୁ ଅଭିସୂଚୀତ (ରେଫର୍) କରିବା ପୂର୍ବରୁ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦରେ ଆଲୋଚିତ ଓ ଅନୁମୋଦିତ ହୋଇଥିବା ଉଚିତ । ନୂତନ ପ୍ରକାରର କାର୍ଯ୍ୟାବଳୀକୁ ସୁପାରିଶ୍ କରିବା ପଛରେ ରହିଥିବା ଯଥାର୍ଥତା ସୁସ୍ପଷ୍ଟ ଭାବେ ସୂଚୀତ ହୋଇଥିବା ଦରକାର । ଶ୍ରମ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ କେଉଁ ନୂତନ ପ୍ରକାରର କାର୍ଯ୍ୟକୁ ସୁପାରିଶ୍ କରାଯାଇପାରେ, ତହିଁର ଯୌକ୍ତିକତା ଜିଲ୍ଲା ପରିଦୃଷ୍ଟି ଯୋଜନାରେ ସୂଚୀତ ହୋଇଥିବ ଏବଂ ଏହି ଯୋଜନା ଏକ ସର୍ବାତ୍ମକ ଅନ୍ୱେଷଣ ଭିତ୍ତିରେ ସମସ୍ତ ସମ୍ଭାବ୍ୟ ଅନୁମୋଦନୀୟ କାର୍ଯ୍ୟସମୂହର ଏକ ଅନୁସୂଚୀ ପ୍ରତିଫଳନ କରିଥିବା ଜରୁରୀ ଅଟେ । ଯଦି କେନ୍ଦ୍ର ସରକାର ଏକ ନୂତନ ପ୍ରକାରର କାର୍ଯ୍ୟକୁ ବିଜ୍ଞାପିତ କରିବାକୁ ଚାହାଁନ୍ତି, ତେବେ ସେ ଏ ବିଷୟରେ ଏକ ପ୍ରସ୍ତାବ ରାଜ୍ୟ

ସରକାରମାନଙ୍କ ନିକଟକୁ ଅଭିପ୍ରେରଣ କରିବେ, ଏବଂ ସଂପୃକ୍ତ ରାଜ୍ୟ ସରକାରମାନେ ଗୋଟିଏ ମାସ ଭିତରେ ଏହାର ଉତ୍ତର ଦେବା ଜରୁରୀ ।

୬.୧.୩ ସ୍କିମ୍ ଅଧୀନରେ ସୃଷ୍ଟି ହୋଇଥିବା ସମ୍ପଦସମୂହ(ବନୀକରଣ ହୋଇଥିବା ଜମିର ସୁରକ୍ଷା ସମେତ)ର ରକ୍ଷଣାବେକ୍ଷଣ ଏନ୍.ଆର୍.ଇ.ଜି.ଏ. ଅଧୀନରେ ଏକ ଅନୁମୋଦନୀୟ କାର୍ଯ୍ୟ ରୂପେ ପରିଗଣିତ ହେବ । ଏକଥା ମଧ୍ୟ ଅନ୍ୟ କାର୍ଯ୍ୟକ୍ରମଗୁଡିକ ଅଧୀନରେ ସୃଷ୍ଟି ହୋଇଥିବା ସମ୍ପଦସମୂହର ରକ୍ଷଣାବେକ୍ଷଣ ପ୍ରତି ପ୍ରଯୁଜ୍ୟ ହେବ, ଯଦି ତାହା ଉପରୋକ୍ତ ମତେ ଆଇନ୍‌ର ଅନୁସୂଚୀ-୧ ଅଧୀନସ୍ଥ ଅନୁମୋଦନୀୟ କାର୍ଯ୍ୟକ୍ଷେତ୍ରଗୁଡିକ ସହ ସଂଗତିଶୀଳ ହେଉଥିବ (ଉପର ଦ୍ରଷ୍ଟବ୍ୟ) ।

୬.୧.୪ ଏନ୍.ଆର୍.ଇ.ଜି.ଏ.ର ସମ୍ବଳସମୂହକୁ ଜମି ଅଧିଗ୍ରହଣ ପାଇଁ ବ୍ୟବହାର କରାଯିବା ଉଚିତ୍ ନୁହେଁ । ଏହି କାର୍ଯ୍ୟକ୍ରମ ଅଧୀନରେ କୌଣସି କାର୍ଯ୍ୟ ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ବା ଅନୁସୂଚୀତ ଜାତି ବା ଅନୁସୂଚୀତ ଜନଜାତିଙ୍କ ଜମି ଅଧିଗ୍ରହଣ କରାଯାଇ ପାରିବ ନାହିଁ ।

## ୬.୨ ମଜୁରି-ସାମଗ୍ରୀ ଅନୁପାତ

ମଜୁରି ମୂଲ୍ୟ ଏବଂ ସାମଗ୍ରୀ ମୂଲ୍ୟ ଭିତରେ ଅନୁପାତ ଆଇନ୍‌ରେ ନିର୍ଦ୍ଧାରିତ ହୋଇଥିବା ସର୍ବନିମ୍ନ ମାନଦଣ୍ଡ ୬୦:୪୦ ରୁ କମ୍ ହୋଇ ପାରିବ ନାହିଁ । ଏହା ସ୍ପୃହଣୀୟ ଯେ, ଏହି ଅନୁପାତ ଗ୍ରାମ ପଞ୍ଚାୟତ, ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ପ୍ରୟୋଗ ହେବା ଉଚିତ୍ । ଶ୍ରମିକମାନେ କାର୍ଯ୍ୟ ସମ୍ପାଦନ କଲାବେଳେ ଯେଉଁସବୁ ଯନ୍ତ୍ରପାତି ଏବଂ ହାତହତିଆର ସହାୟକ ହୋଇଥାଏ, ସେଗୁଡିକୁ ସଂଗ୍ରହ କରି ରଖିବାକୁ ପଡିବ । ଏହିସବୁ ଯନ୍ତ୍ରପାତି ଏବଂ ହାତହତିଆରର ମୂଲ୍ୟକୁ ପ୍ରକଳ୍ପର ସାମଗ୍ରୀ ବ୍ୟୟ ଭିତରେ ଅନ୍ତର୍ଭୁକ୍ତ କରାଯାଇ ପାରେ । ଏନ୍.ଆର୍.ଇ.ଜି.ଏ. ଅଧିନରେ ବ୍ୟବହୃତ ସାମଗ୍ରୀସମୂହର ସଂଗ୍ରହଣର ଏକ ସ୍ୱଚ୍ଛ ପଦ୍ଧତି ଅବଲମ୍ବନ ପାଇଁ ରାଜ୍ୟ ସରକାରମାନେ ନିଜେ ଉପାୟ ବାହାର କରିବା ଉଚିତ୍ ।

୬.୨.୧ ଦୋହରାମିକୁ ଏଡାଇବା ପାଇଁ ପ୍ରତି କାର୍ଯ୍ୟକୁ ଏକ ଅନନ୍ୟ ପରିଚୟ ସଂଖ୍ୟାରେ ନାମିତ କରିବା ଉଚିତ୍ ।

୬.୨.୨ ସୁସ୍ଥାୟୀ ସମ୍ପଦସମୂହର ସୃଷ୍ଟି ତଥା ଯୋଜନା ପ୍ରଣୟନ ପ୍ରକ୍ରିୟାକୁ ସୁସମନ୍ୱିତ ରୂପ ଦେବା ପାଇଁ ଯେ କୌଣସି କାର୍ଯ୍ୟର ରୂପରେଖ ପ୍ରସ୍ତୁତି ପ୍ରତି ଏକ ପ୍ରକଳ୍ପ ଭିତ୍ତିକ ଦୃଷ୍ଟିଭଙ୍ଗୀ ପୋଷଣ କରିବାକୁ ପଡିବ । ଏତଦ୍ୱାରା ଏକ ସାମଗ୍ରୀକ କାର୍ଯ୍ୟ ବା ପ୍ରକଳ୍ପ ଅଧୀନରେ ଏକାଧିକ କାର୍ଯ୍ୟାବଳୀକୁ ଅନ୍ତର୍ଭୁକ୍ତ କରିଦେଇ ହେବ । ବ୍ଲକ୍‌କୁ ଏକ ୟୁନିଟ୍ ମନେ କରି ପ୍ରକଳ୍ପ ପ୍ରସ୍ତୁତ କରାଯାଇପାରେ, ଯଦ୍ୱାରା ଏହା ଅଧୀନସ୍ଥ କାର୍ଯ୍ୟାବଳୀକୁ ଉପ-ବ୍ଲକ୍ ସ୍ତରରେ କାର୍ଯ୍ୟକ୍ରମ ଅଧିକାରୀ ସଂଯୋଜନା କରିପାରିବେ । ଏକାଧିକ ବ୍ଲକ୍‌କୁ ନେଇ ପ୍ରକଳ୍ପମାନ ଜିଲ୍ଲା ସ୍ତରରେ ପ୍ରସ୍ତୁତ କରାଯାଇପାରେ ।

୬.୨.୩ ସାଧାରଣ ଭାବେ ପ୍ରଯୁଜ୍ୟ ହେଉଥିବା ପଦ୍ଧତିଗୁଡିକୁ ଏକତ୍ର କରି ଏକ ଦଲିଲ୍ ରୂପେ ଜିଲ୍ଲା ସ୍ତରରେ ପ୍ରଚଳନ କରାଯିବ ଏବଂ ଏହା ପଞ୍ଚାୟତସମୂହ ତଥା ଅନ୍ୟ କାର୍ଯ୍ୟକାରକ ସଂସ୍ଥାମାନଙ୍କୁ ଉପଲବ୍ଧ ହେବା ଉଚିତ୍ । ଏନ୍.ଆଇ.ସି. ପ୍ରସ୍ତୁତ ପ୍ରରୂପଗୁଡିକୁ ଏଥି ପାଇଁ ବ୍ୟବହାର କରାଯାଇ ପାରେ ।

## ୬.୩ କାର୍ଯ୍ୟନିର୍ବାହୀ ସଂସ୍ଥାସମୂହ-

୬.୩.୧ କାର୍ଯ୍ୟ ସଂପାଦନ କ୍ଷେତ୍ରରେ ଗ୍ରାମପଞ୍ଚାୟତ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା, କାରଣ ସମୁଦାୟ କାର୍ଯ୍ୟାବଳୀ ଭିତରୁ ବ୍ୟୟ ଦୃଷ୍ଟିରୁ ଅନ୍ୟୁନ ଶତକଡା ୫୦ ଭାଗ କାର୍ଯ୍ୟ ଗ୍ରାମପଞ୍ଚାୟତମାନଙ୍କ ଦ୍ୱାରା ସମ୍ପାଦନ ପାଇଁ ଉଦ୍ଦିଷ୍ଟ ହେବ । ଏହା ହେଉଛି ବୈଧାନିକ ଦୃଷ୍ଟିରୁ ସର୍ବନିମ୍ନ ; କିନ୍ତୁ ବାର୍ଷିକ ପ୍ରକଳ୍ପ-ଗୁଚ୍ଛ ଅଧୀନରେ ଶତକଡା ଶହେ କାର୍ଯ ମଧ୍ୟ ଗ୍ରାମପଞ୍ଚାୟତକୁ ନ୍ୟସ୍ତ କରାଯାଇପାରେ ।

୬.୩.୨ ଅନ୍ୟ କାର୍ଯ୍ୟକାରକ ସଂସ୍ଥାରୂପେ ଏହିସବୁ ସଂସ୍ଥାମାନଙ୍କୁ ବିବେଚନା କରାଯାଇପାରେ, ଯଥା ମଧ୍ୟବର୍ତ୍ତୀ ଓ ଜିଲ୍ଲା ପଞ୍ଚାୟତସମୂହ, ସରକାରଙ୍କ ଲାଇନ୍ ବିଭାଗସମୂହ, କେନ୍ଦ୍ର ଓ ସରକାରଙ୍କ ଦ୍ୱାରା ପରିଚାଳିତ ସର୍ବସାଧାରଣ ଉଦ୍ୟୋଗସମୂହ, ଏବଂ ସୁନାମ ଥିବା ଏନ୍.ଜି.ଓ. ସମୂହ, ଯେଉଁମାନେ କି ଅତୀତରେ ଯଥାର୍ଥ ଭାବେ କାର୍ଯ୍ୟ କରିଥିବାର ସୁପ୍ରମାଣିତ ଦୃଷ୍ଟାନ୍ତ ରହିଛି । ସ୍ୱୟଂ-ସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା ରୂପେ ବିବେଚନା କରାଯାଇପାରେ ।

୬.୩.୩ **ଲାଇନ୍ ବିଭାଗମାନଙ୍କର ଭୂମିକା-** ଲାଇନ୍ ବିଭାଗମାନଙ୍କର ଭୂମିକା ହେଉଛି, ସଂପାଦିତ ହେଉଥିବା କାର୍ଯ୍ୟସମୂହର ଅଟକଳ ପ୍ରସ୍ତୁତି, ମାପଚୁପ ଏବଂ ତଦାରଖ କରିବାରେ ବୈଷୟିକ ସହାୟତା ଯୋଗାଇ ଦେବା । ଜବ୍ କାର୍ଡ ଧାରୀ ଶ୍ରମିକମାନେ ହିଁ କାର୍ଯ୍ୟ ସଂପାଦନ କରିବେ । ମଷ୍ଟର୍ ରୋଲ୍‌ର ରକ୍ଷଣାବେକ୍ଷଣ କରାଯିବ । ଏହି ବାବଦରେ କୌଣସି ଲାଇନ୍ ବିଭାଗକୁ ଉପରି ଖର୍ଚ୍ଚ ଦିଆଯିବ ନାହିଁ ।

୧) ଆଇନ୍‌ଗତ ଦୃଷ୍ଟିରୁ କାର୍ଯ୍ୟ-ସଂପାଦନ ପାଇଁ ବାଧ୍ୟତାମୂଳକ ଦାୟିତ୍ୱ ବହନ କରିଥିବା ଗ୍ରାମପଞ୍ଚାୟତକୁ ଛାଡି ଅନ୍ୟ ଏକ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ଚୟନ କଲାବେଳେ ଏହିସବୁ ଦିଗଗୁଡ଼ିକୁ ଭିତ୍ତିରୂପେ ଗ୍ରହଣ କରିବାକୁ ପଡିବ, ଯଥା, ବୈଷୟିକ ଜ୍ଞାନକୁଶଳତା ଏବଂ ସମ୍ବଳସମୂହ, ସୁନିର୍ଦ୍ଦିଷ୍ଟ ସମୟ-ସୀମା ଭିତରେ ଗୋଟିଏ କାର୍ଯ୍ୟକୁ ସଂପାଦନ କରି ପାରୁଥିବାର ଦକ୍ଷତା, ଅତୀତରେ କାର୍ଯ୍ୟ ପାଇଁ ସୁନାମ ତଥା ହିତାଧିକାରୀ ମାନଙ୍କର ସ୍ୱାର୍ଥ । କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କର ଚୟନ ବାର୍ଷିକ ଯୋଜନାରେ ସୂଚୀତ ହୋଇଥିବ । ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କର ଏକ ଅନୁମୋଦିତ ତାଲିକାକୁ ଦୃଷ୍ଟିରେ ରଖାଯାଇଥିବ, ଯାହା ଫଳରେ ଯଦି କୌଣସି ଗୋଟିଏ କାର୍ଯ୍ୟନିର୍ବାହୀ ସଂସ୍ଥା ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ସମ୍ପାଦନ କରିବାରେ ବିଫଳ ହୁଏ, ତେବେ ଠିକ୍ ସେହି ସମୟରେ ବିକଳ୍ପ ସମ୍ଭାବନାଗୁଡିକ ଉପଲବ୍ଧ ହୋଇପାରିବ । ଏହା ଫଳରେ ଏକଥାକୁ ସୁନିଶ୍ଚିତ କରିହେବ ଯେ, କୌଣସି ଗୋଟିଏ ସଂସ୍ଥାର ବିଫଳତା ପାଇଁ କାର୍ଯ୍ୟଗୁଡିକ କ୍ଷତିଗ୍ରସ୍ତ ହେବ ନାହିଁ ତଥା କାର୍ଯ୍ୟ ଆଶାୟୀ ବ୍ୟକ୍ତିମାନେ ଠିକ୍ ସମୟରେ କର୍ମନିଯୁକ୍ତି ପାଇପାରିବେ ।

୨) ଯଦି କୌଣସି କାର୍ଯ୍ୟନିର୍ବାହୀ ସଂସ୍ଥା (ଗ୍ରାମ ପଞ୍ଚାୟତ ସମେତ) ତାଙ୍କ ଉପରେ ନ୍ୟସ୍ତ କାର୍ଯ୍ୟାବଳୀକୁ ୧୫ ଦିନ ମଧ୍ୟରେ ସଂପାଦନ କରିବାରେ ଅକ୍ଷମ ହୁଅନ୍ତି, ତେବେ ସେ ତୁରନ୍ତ ଏ ବିଷୟରେ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଜଣାଇବେ, ଯେ କି ଜିଲ୍ଲାର ବାର୍ଷିକ ଯୋଜନାରେ ସଂପୃକ୍ତ ବ୍ଲକ୍‌ରେ ପ୍ରତି ପ୍ରକଳ୍ପ ପାଇଁ ଅନୁମୋଦିତ ହୋଇଥିବା ସଂସ୍ଥାସମୂହଙ୍କ ଭିତରୁ କୌଣସି ଏକ ସଂସ୍ଥାକୁ ଚୟନ କରିବେ ଏବଂ ଉପରୋକ୍ତ କାର୍ଯ୍ୟଟିକୁ ନ୍ୟସ୍ତ କରିବେ । ଯଦି କୌଣସି ଏକ ଗ୍ରାମ ପଞ୍ଚାୟତ ୧୫ ଦିନ ଭିତରେ ଗୋଟିଏ କାର୍ଯ୍ୟକୁ ସଂପାଦନ ନକରନ୍ତି, ତେବେ କାର୍ଯ୍ୟକ୍ରମ ଅଧିକାରୀ କାର୍ଯ୍ୟ ଆଶାୟୀ ଆବେଦକମାନଙ୍କୁ ଅନ୍ୟ ଏକ ସଂସ୍ଥା ଦ୍ୱାରା ସଂପାଦିତ ହେଉଥିବା କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇପାରନ୍ତି । ଶ୍ରମିକମାନଙ୍କର ଏବଂ ବିଶେଷ କରି ଦାଦନ ଶ୍ରମିକମାନଙ୍କର ଆବଶ୍ୟକତାକୁ ଚାହିଁ ବିଭିନ୍ନ କାର୍ଯ୍ୟ ସକାଶେ ସମୟ ନିର୍ଦ୍ଧାରିତ ହୋଇଥିବା ଜରୁରୀ ଅଟେ ।

୩) ଆଇନ୍ (ଅନୁସୂଚୀ-୧)ରେ କଥିତ ହୋଇଥିବା ମତେ କାର୍ଯ୍ୟଗୁଡିକର ସଂପାଦନରେ ଠିକାଦାରମାନେ କୌଣସି ପ୍ରକାରେ ନିଯୁକ୍ତ ହୋଇ ପାରିବେ ନାହିଁ ।

## ୬.୪ କାର୍ଯ୍ୟଗୁଡିକର ମଞ୍ଜୁରି-

୬.୪.୧ ସମସ୍ତ କାର୍ଯ୍ୟାବଳୀ ଯେବେ ସମ୍ପାଦିତ ହେବା ପାଇଁ ପ୍ରସ୍ତାବ କରାଯାଇଥିବ, ତହିଁର ପୂର୍ବ ବର୍ଷର ଡିସେମ୍ବର ମାସ ସୁଦ୍ଧା ସେଗୁଡିକୁ ଅଗ୍ରୀମ ପ୍ରଶାସନିକ ଏବଂ ବୈଷୟିକ ମଞ୍ଜୁରି ମିଳି ସାରିଥିବା ଜରୁରୀ ।

୬.୪.୨ ପ୍ରଶାସନିକ ଏବଂ ବୈଷୟିକ ମଞ୍ଜୁରି ପାଇସାରି ଅନୁମୋଦିତ କାର୍ଯ୍ୟାବଳୀକୁ ନେଇ ଏକ ପ୍ରକଳ୍ପ ପୁଞ୍ଜ ସୁପ୍ରସ୍ତୁତ ହୋଇ ରହିଥିବା ଯାହା ଫଳରେ ଯେଉଁକ୍ଷଣି କାର୍ଯ୍ୟପାଇଁ ଚାହିଦା ପ୍ରକାଶ ପାଇବ, ତତ୍‌କ୍ଷଣାତ୍ ସେଥିମଧ୍ୟରୁ ଆବଶ୍ୟକ ମତେ କାର୍ଯ୍ୟଗୁଡିକର ସଂପାଦନ ଆରମ୍ଭ କରାଯାଇ ପାରିବ ।

୬.୪.୩ ଗୋଟିଏ କାର୍ଯ୍ୟ ଆରମ୍ଭ କରିବା ପାଇଁ (କାର୍ଯ୍ୟ ଆଦେଶ ବା ଓ୍ୟାର୍କ ଅର୍ଡର ଦେବା) ତଥା କାର୍ଯ୍ୟ ପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କୁ କାର୍ଯ୍ୟ ଆବଣ୍ଟନ ପାଇଁ ଗ୍ରାମପଞ୍ଚାୟତମାନେ ହିଁ ଯଥୋଚିତ କର୍ତ୍ତୃପକ୍ଷ ରୂପେ କ୍ଷମତାସମ୍ପନ୍ନ ହୋଇଛନ୍ତି ।

୬.୪.୪ ଯେଉଁ କ୍ଷେତ୍ରରେ କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟରେ କାର୍ଯ୍ୟ ପାଇଁ ଦାବୀ ପହଞ୍ଚି ଥାଏ ଅଥବା ଗ୍ରାମ ପଞ୍ଚାୟତ ଦ୍ୱାରା ସୂଚୀତ ହୋଇଥାନ୍ତି, ସେପରି କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିବା (କାର୍ଯ୍ୟ ଆଦେଶ ବା ଓ୍ୟାର୍କ ଅର୍ଡର ଦେବା) ପାଇଁ କାର୍ଯ୍ୟକ୍ରମ ଅଧିକାରୀ ଜଣେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ କରିବେ ।

## ୬.୫ କାର୍ଯ୍ୟ ସଂପାଦନ

୬.୫.୧ ଗୋଟିଏ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଇବେ, ଯାହା ଫଳରେ କାର୍ଯ୍ୟକ୍ରମ ଅଧିକାରୀ ଆବଶ୍ୟକୀୟ ମଷ୍ଟର୍ ରୋଲ୍ ନିର୍ଗମନ (ଇସୁ) କରିବେ । ପ୍ରତି ମଷ୍ଟର୍ ରୋଲ୍ ଏକ ଅନନ୍ୟ ପରିଚୟ ସଂଖ୍ୟା ବହନ କରିଥିବ ଏବଂ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରମାଣୀକୃତ ହୋଇଥିବ । ମଷ୍ଟର୍ ରୋଲ୍‌ର ପ୍ରରୂପ (ଫର୍ମାଟ୍) ସଂଲଗ୍ନ ନଥିସଂଖ୍ୟା ବି-୩ରେ ସ୍ଥାନିତ ହୋଇଛି । ମଷ୍ଟର୍ ରୋଲ୍‌ରେ ଜବ୍ କାର୍ଡ ନମ୍ବର, ଶ୍ରମିକର ନାମ ଏବଂ କାର୍ଯ୍ୟ କରିଥିବା ଦିନସଂଖ୍ୟା । ପ୍ରତି ଶ୍ରମିକର ନାମ ଡାହାଣରେ ତାଙ୍କର କାର୍ଯ୍ୟରେ ଯୋଗଦାନ ଏବଂ ତାଙ୍କୁ ପଇଠ ହୋଇଥିବା ମଜୁରି ସୂଚୀତ ହେବ ତଥା ତାଙ୍କର ସ୍ୱାକ୍ଷର ବା ବୃଦ୍ଧାଙ୍ଗୁଳି ମଧ୍ୟ ସ୍ଥାନିତ ରହିବ ।

୬.୫.୨ ମଷ୍ଟର୍ ରୋଲ୍ କାର୍ଯ୍ୟସ୍ଥଳୀରେ ନିର୍ବାହ କରାଯିବ । କୌଣସି ନକଲି ମଷ୍ଟର୍ ରୋଲ୍ ବ୍ୟବହାର କରାଯିବ ନାହିଁ ।

୬.୫.୩ ମଷ୍ଟର୍ ରୋଲ୍‌ଗୁଡିକ ସମ୍ବନ୍ଧରେ ସବିଶେଷ ରେକର୍ଡ ସଂଲଗ୍ନ ନଥିସଂଖ୍ୟା ବି-୩, ବି-୪, ବି-୫ ଏବଂ ବି-୬ ଅନୁଯାୟୀ ପ୍ରସ୍ତୁତ ରେଜିଷ୍ଟର୍‌ରେ ଲିପିବଦ୍ଧ ରହିବ ।

୬.୫.୪ ପ୍ରତି କାର୍ଯ୍ୟ ସେହି ଶ୍ରମିକମାନଙ୍କ ଦ୍ୱାରା ସମ୍ପାଦିତ ହେବ, ଯେଉଁମାନଙ୍କର ଜବ୍ କାର୍ଡ ଅଛି ଏବଂ ଯେଉଁମାନେ କାର୍ଯ୍ୟ ଦାବୀ କରିଥିବେ । ଠିକାଦାରମାନଙ୍କୁ ଦୂରେଇ ରଖିବା ପାଇଁ ଏହା ଆବଶ୍ୟକ । ୧୮ ବର୍ଷ ରୁ କମ୍ କୌଣସି ବ୍ୟକ୍ତିଙ୍କୁ ଏନ୍.ଆର୍.ଇ.ଜି.ଏ. ପ୍ରକଳ୍ପରେ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯିବ ନାହିଁ ।

୬.୫.୫ **ସାଥୀଗଣ-**

**୧) ସାଥୀମାନଙ୍କର ଚୟନ-**

କାର୍ଯ୍ୟସ୍ଥଳୀରେ ତଦାରଖ ଏବଂ ଶ୍ରମିକମାନଙ୍କ ଉପସ୍ଥାନକୁ ଚିହ୍ନିତ କରିବା ପାଇଁ ପ୍ରତି କାର୍ଯ୍ୟ ପାଇଁ ଜଣେ ଲେଖାଁ ସାଥୀକୁ ପଦନାମିତ କରାଯାଇପାରେ । ଏକ ନ୍ୟାଯ୍ୟ, ସ୍ୱଚ୍ଛ ଏବଂ ଭାଗିଦାରୀ ପ୍ରକ୍ରିୟାରେ ସାଥୀମାନଙ୍କୁ ଚୟନ କରାଯିବା ଉଚିତ୍ । ସାଥୀମାନଙ୍କ ଭିତରେ ଯଥେଷ୍ଟ ସଂଖ୍ୟକ ମହିଳାମାନଙ୍କୁ ଚୟନ କରିବା ଉଚିତ୍ । ଜଣେ ସାଥୀର ଦାୟିତ୍ୱକୁ ଉପଯୁକ୍ତ ଭାବେ ନିର୍ବାହ ପାଇଁ ଯେତିକି ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ (ଯଥା ୫ମ ରୁ ଅଷ୍ଟମ ଶ୍ରେଣୀ), ତାହାଠାରୁ ଅଧିକ ଯୋଗ୍ୟତାର ଆବଶ୍ୟକତା ନାହିଁ । ପ୍ରତି ଗ୍ରାମ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ସାଥୀ (ଯଥା ଗୋଟିଏ ରାଜସ୍ୱ ଗ୍ରାମ ପାଇଁ ୫-୬ ଜଣ) ଙ୍କୁ ତାଲିମ୍ ଦିଆଯାଇ ପ୍ରସ୍ତୁତ ରଖିବା ଦରକାର, ଯାହା ଫଳରେ ସଦାସର୍ବଦା ଯଥେଷ୍ଟ ସଂଖ୍ୟକ ସାଥୀମାନଙ୍କର ଏକ ଗୋଷ୍ଠୀ ପ୍ରସ୍ତୁତ ହୋଇରହିଥିବ । ପ୍ରତି କାର୍ଯ୍ୟସ୍ଥଳୀରେ ସାଥୀ ଓ ଶ୍ରମିକଙ୍କ ଅନୁପାତ ଅନ୍ତତଃ ୧:୫୦ ହୋଇଥିବା

ଆବଶ୍ୟକ । ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ସହିତ ପରାମର୍ଶ କରି ରାଜ୍ୟ ଏ ବ୍ୟାପାରରେ ଉଚିତ୍ ମାନଦଣ୍ଡ ବିନିର୍ଦ୍ଧିଷ୍ଟ କରିପାରନ୍ତି । ପ୍ରତି ପନ୍ଦର ଦିନରେ ଯେତେବେଳେ କି ଗୋଟିଏ ମଷ୍ଟର୍ ରୋଲ୍ ସମାପ୍ତ ହୋଇଥାଏ, ଗୋଟିଏ ସାଥୀକୁ ଭିନ୍ନ ଏକ କାର୍ଯ୍ୟସ୍ଥଳୀକୁ ବଦଳି କରାଯାଇପାରେ ।

**୨) ସାଥୀମାନଙ୍କୁ ତାଲିମ୍ -**

ପ୍ରତି ସାଥୀଙ୍କୁ ବେଶ୍ କିଛି ଦିନ ଧରି ଉଭୟ ଶ୍ରେଣୀକକ୍ଷ ଏବଂ କାର୍ଯ୍ୟକ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯିବ । ବିଶେଷ କରି ଗ୍ରାମ ରୋଜଗାର ସହାୟକ ଏବଂ ପଞ୍ଚାୟତ ସଂପାଦକଙ୍କ ସହ ମିଳିତ ଭାବେ ପ୍ରଶିକ୍ଷଣ ଦିଆଯିବା ଉଚିତ୍ । ସାଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣରେ ଅନ୍ତତଃ ନିମ୍ନୋକ୍ତ ବିଷୟମାନ ଚର୍ଚ୍ଚା କରାଯିବା ଦରକାର, (୧) ଏନ୍.ଆର୍.ଇ.ଜି.ଏ.ର ପ୍ରମୁଖ ବ୍ୟବସ୍ଥାମାନ, (୨) ଏନ୍.ଆର୍.ଇ.ଜି.ଏ. ଶ୍ରମିକମାନଙ୍କର ନ୍ୟାଯ୍ୟ ପ୍ରାପ୍ୟସମୂହ, (୩) କାର୍ଯ୍ୟସ୍ଥଳୀରେ ମିଳିବାକୁ ଥିବା ସୁବିଧାମାନ, (୪) କାର୍ଯ୍ୟସ୍ଥଳୀରେ ସ୍ୱଚ୍ଛତାର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାମାନ, (୫) ମଷ୍ଟର୍ ରୋଲ୍‌ରେ ତଥ୍ୟ ଦରଜ ପଦ୍ଧତି, ଏବଂ (୬) କାର୍ଯ୍ୟର ମାପଚୁପ୍ । ପ୍ରତି ସାଥୀଙ୍କୁ ଗୋଟିଏ ଗୋଟିଏ ଉପକରଣ ପେଟିକା ଦିଆଯାଇଥିବ, ଯେଉଁଥିରେ ଥିବ ମାପ ଫିତା, କାଲ୍‌କୁଲେଟର୍, ପ୍ରାଥମିକ ଚିକିତ୍ସା ଉପକରଣ ଏବଂ ଦୈନନ୍ଦିନ ମାପକୁ ଲିପିବଦ୍ଧ କରିବା ପାଇଁ ଟିପାଖାତା । ଜରୁରୀ କାଳୀନ ସହାୟତା ଓ ସେବାଗୁଡିକର ଫୋନ୍ ନମ୍ବର ସାଥୀମାନଙ୍କ ପାଖରେ ଉପଲବ୍ଧ ଥିବ ।

**୩) ସାଥୀମାନଙ୍କର ଦାୟିତ୍ୱାବଳୀ-**

ପ୍ରତି ସାଥୀଙ୍କୁ ଏକ ସୁସ୍ପଷ୍ଟ ଦାୟିତ୍ୱ ତାଲିକା ଦିଆଯାଇଥିବ, ଯେଉଁଥିରେ ତାଙ୍କର ଦାୟିତ୍ୱାବଳୀ ସୂଚୀତ ହୋଇଥିବ ଏବଂ କୌଣସି ଉଲ୍ଲଂଘନ ଘଟିଲେ ସେ ଏଥିପାଇଁ ଉତ୍ତରଦାୟୀ ରହିବେ । ଏହି ଦାୟିତ୍ୱ ତାଲିକାରେ ନିମ୍ନୋକ୍ତ କର୍ତ୍ତବ୍ୟମାନ ସାଧାରଣତଃ ଅନ୍ତର୍ଭୁକ୍ତ ରହିବ -

(ଏ) ଦଳଗଠନ, ଏବଂ ଦଳର ଦାୟିତ୍ୱ ସମ୍ବନ୍ଧରେ ସେମାନଙ୍କୁ ସଚେତନ କରିବା, ଯାହା ଫଳରେ ମଜୁରି ହାର ଅନୁସୂଚୀ ଅନୁଯାୟୀ ଶ୍ରମିକମାନେ ସର୍ବନିମ୍ନ ମଜୁରି ପାଇପାରିବେ ;

(ବି) କାର୍ଯ୍ୟସ୍ଥଳୀରେ ମଷ୍ଟର୍ ରୋଲ୍ ଅନୁରକ୍ଷଣ କରିବା (କାର୍ଯ୍ୟରେ ଯୋଗଦାନ କରିବାର ପ୍ରଥମ ଦିନ ଶ୍ରମିକମାନଙ୍କର ନାମ ଲିପିବଦ୍ଧ କରିବା ଏବଂ ତତ୍‌ପରେ ପ୍ରତିଦିନ ସେମାନଙ୍କର ଉପସ୍ଥାନ ଚିହ୍ନିତ କରିବା ସମେତ) । ମଷ୍ଟର୍ ରୋଲ୍‌ରେ ଦରଜ ହେଉଥିବା ତଥ୍ୟାବଳୀର ସତ୍ୟାସତ୍ୟ ପାଇଁ ତଥା କାର୍ଯ୍ୟ ସଂପାଦନରେ ଗୁଣାତ୍ମକ ମାନଦଣ୍ଡର ପରିପାଳନ ପାଇଁ ଜଣେ ସାଥୀ ପ୍ରତ୍ୟେକ୍ଷ ଭାବେ ଉତ୍ତରଦାୟୀ ରହିବେ ;

(ସି) ପ୍ରତି ଦଳ ଦ୍ୱାରା ଦୈନିକ ବା ସାପ୍ତାହିକ ଭିତ୍ତିରେ ସମ୍ପାଦିତ କାର୍ଯ୍ୟକୁ ତଦାରଖ କରିବା;

(ଡି) କାର୍ଯ୍ୟସ୍ଥଳୀରେ ସୁବିଧାଗୁଡିକୁ ସୁନିଶ୍ଚିତ କରିବା, ଯଥା ଛାଇଯାଗା, ଶିଶୁଯତ୍ନ ଦେଖାଶୁଣା ପାଇଁ ଉପଯୁକ୍ତ ଶ୍ରମିକଙ୍କୁ ମୁତୟନ, ପାନୀୟ ଜଳ ବ୍ୟବସ୍ଥା ତଥା ଔଷଧ ପେଟିକା;

(ଇ) କାର୍ଯ୍ୟସ୍ଥଳୀକୁ ସାମଗ୍ରୀକ ଭାବେ ତଦାରଖ କରିବା ;

(ଏଫ୍) ଜରୁରୀକାଳୀନ ପରିସ୍ଥିତି, ଯଥା କାର୍ଯ୍ୟସ୍ଥଳୀରେ ଦୁର୍ଘଟଣାକୁ ସମ୍ଭାଳିବା ।

**୪) ସାଥୀମାନଙ୍କର ପାରିଶ୍ରମିକ-**

ସାଥୀମାନଙ୍କର ପାରିଶ୍ରମିକ ସାଧାରଣତଃ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କର ମଜୁରି ସହିତ ସମାନ ହେବ ଏବଂ କୌଣସି ପରିସ୍ଥିତିରେ ଏହା ଅଣକୁଶଳୀ ଶ୍ରମିକମାନଙ୍କର ମଜୁରି ଠାରୁ କମ୍ ହେବନାହିଁ । ସାଥୀମାନଙ୍କର ପାରିଶ୍ରମିକ ବାବଦ ବ୍ୟୟକୁ ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟସମୂହ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ବ୍ୟୟ ଭିତରେ ଅନ୍ତର୍ଭୁକ୍ତ କରାଯିବ ।

## ୬.୬ ପ୍ରକଳ୍ପର ଆରମ୍ଭ-

କୋଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ନିମ୍ନୋକ୍ତ ପଦକ୍ଷେପଗୁଡିକ କାର୍ଯ୍ୟସ୍ଥଳୀରେ ନିଆଯିବା ଉଚିତ୍ –

୬.୬.୧ ଯେଉଁ ସ୍ଥାନରେ କାର୍ଯ୍ୟ ଆରମ୍ଭ ହେବାକୁ ଥିବ, ସେଠାରେ ସମସ୍ତ ଶ୍ରମିକଙ୍କୁ ସାମିଲ୍ କରି ଏକ ପ୍ରକଳ୍ପ ଶୁଭାରମ୍ଭ ବୈଠକ ଆୟୋଜନ କରିବା ଉଚିତ୍ । ଏହି ବୈଠକରେ ଯେଉଁସବୁ ବିଷୟରେ ଶ୍ରମିକମାନଙ୍କୁ ବୁଝାଇ ଦିଆଯିବ, ସେଗୁଡିକ ହେଲା,

ଆଇନ୍‌ର ବ୍ୟବସ୍ଥାସମୂହ, ମଜୁରୀ ପଇଠ ବ୍ୟବସ୍ଥା, ମଜୁରି ହାର ଅନୁସୂଚୀ, କାର୍ଯ୍ୟସ୍ଥଳୀର ସୁବିଧାଗୁଡିକ ସମ୍ବନ୍ଧରେ ସୂଚନା, ଦୁର୍ଘଟଣା କାରଣରୁ ଶ୍ରମିକର ଆଘାତ ବା ମୃତ୍ୟୁ ବା ଶ୍ରମିକ ସହ ଆସିଥିବା ଶିଶୁର ଆଘାତ ବା ମୃତ୍ୟୁ ଘଟିଲେ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରାପ୍ୟ ସମୂହ । ମଜୁରି ପଇଠ କ୍ଷେତ୍ରରେ କେବଳ ଲିଙ୍ଗକୁ ଆଧାର କରି କୌଣସି ବାଛବିଚାର କରାଯିବ ନାହିଁ ବୋଲି ଶ୍ରମିକମାନଙ୍କୁ ବୁଝାଇ ଦିଆଯିବ ।

୬.୬.୨ ସମାନୁପାତିକ ମଜୁରି ପାଇବା ପାଇଁ ଶ୍ରମିକମାନେ ହକ୍‌ଦାର ହୋଇଥିବା କାରଣରୁ ଏକ ନମୁନା ଖାଲ ଖୋଳାଯାଇ ଶ୍ରମିକମାନଙ୍କ ଠାରୁ ଯେଉଁ ସାଧାରଣ ଶ୍ରମ-ଫଳ ଆଶା କରାଯାଉଛି, ତାହା ସୂଚାଇ ଦିଆଯିବ ।

୬.୬.୩ ସୁରୁଖୁରୁରେ କାର୍ଯ୍ୟ ସଂପାଦନ, କାର୍ଯ୍ୟର ମାପଚୁପ ତଥା ପ୍ରତି ଶ୍ରମିକର ପ୍ରାପ୍ୟ ମଜୁରି ପରିମାଣର ଉଚିତ୍ ହିସାବ ନିର୍ଣ୍ଣୟ ପାଇଁ ଶ୍ରମିକମାନଙ୍କୁ ୪-୬ଜଣ ଲେଖାଙ୍କୁ ନେଇ ଛୋଟଛୋଟ ଦଳରେ ବିଭକ୍ତ କରିବାକୁ ପଡିବ ।

୬.୬.୪ କାର୍ଯ୍ୟସ୍ଥଳୀରେ ବ୍ୟାଙ୍କ୍ ଓ ପୋଷ୍ଟ ଅଫିସ୍‌ର କର୍ମଚାରୀଙ୍କୁ ଡକାଇ ସେମାନଙ୍କ ଦ୍ୱାରା ବ୍ୟାଙ୍କ୍ ଓ ପୋଷ୍ଟ ଅଫିସ୍‌ରେ ଆକାଉଣ୍ଟ ଖୋଲାଇବା ।

୬.୬.୫ ଏନ୍.ଆର୍.ଇ.ଜି.ଏ. ପ୍ରତୀକ ବା ଲୋଗୋ ସମେତ ନାଗରିକ ସୂଚନା ଫଳକ (ସଂଲଗ୍ନ ନଥିସଂଖ୍ୟା ବି-୧୮ ଅନୁଯାୟୀ) ସ୍ଥାପିତ କରିବାକୁ ପଡିବ, ଯେଉଁଥିରେ ଏହିସବୁ ମୌଳିକ ତଥ୍ୟାବଳୀ ସୂଚୀତ ହୋଇଥିବ, ଯଥା କାର୍ଯ୍ୟର ସବିଶେଷ ବିବରଣୀ, ମଜୁରି ହାର ଅନୁସୂଚୀ, ଅଟକଳସମୂହ ଏବଂ କାର୍ଯ୍ୟର ଅଗ୍ରଗତି ।

## ୬.୭ କାର୍ଯ୍ୟର ମାପଚୁପ୍ ଓ ମଜୁରିହାର ସାରଣୀ

୬.୭.୧ କାର୍ଯ୍ୟଗୁଡିକର ମାପଚୁପ୍ କରିବାର ମାନଦଣ୍ଡଗୁଡିକ ରାଜ୍ୟମାନଙ୍କ ଦ୍ୱାରା ନିରୂପିତ ହେବ । ଏହି ମାନଦଣ୍ଡ ନିରୂପଣ ନିମ୍ନ ବିଚାରଗୁଡିକ ମତେ ଆଧାରିତ ହୋଇପାରେ :

(୧) ପ୍ରଥମତଃ ଏହାକୁ ନିଶ୍ଚିତ କରିବା ଆବଶ୍ୟକ ଯେ, ଏନ୍.ଆର୍.ଇ.ଜି.ଏସ୍ ଅଧୀନରେ ନିର୍ବାହିତ ହେବାକୁ ଥିବା କାର୍ଯ୍ୟଗୁଡିକ ପରିପ୍ରେକ୍ଷୀରେ ସମସ୍ତ ଦାୟିତ୍ୱଗୁଡିକୁ ସୁସ୍ପଷ୍ଟ ଭାବେ ଚିହ୍ନଟ କରାଯିବ, ଏବଂ ଠିକା-କାମ କ୍ଷେତ୍ରରେ ଯେପରି କୌଣସି ବିଷୟ ଅସ୍ପଷ୍ଟ ରହିବ ନାହିଁ ଏବଂ ପ୍ରାପ୍ୟଠାରୁ କମ୍ ମଜୁରୀ ଦିଆଯିବ ନାହିଁ ।

(୨) ଦ୍ୱିତୀୟତଃ, ଭିନ୍ନଭିନ୍ନ ସ୍ଥାନରେ ଥିବା ମାଟି, ଗଡାଣି ଏବଂ ଭୂତାତ୍ତ୍ୱିକ ପ୍ରକାରଭେଦର ଅବସ୍ଥାକୁ ଦୃଷ୍ଟିରେ ରଖି ପ୍ରତି ଠିକା-କାର୍ଯ୍ୟର ଉତ୍ପାଦନଶୀଳତାର ମାନାଙ୍କଗୁଡିକୁ ଏମିତି ପଦ୍ଧତିରେ ନିର୍ଦ୍ଧାରଣ କରିବାକୁ ପଡିବ, ଯେପରିକି ସାଧାରଣ ଗତିରେ ଜଣେ ବ୍ୟକ୍ତି ବିହିତ ସମୟ ଅବଧି ପାଇଁ କାମ କଲେ, ସେ ଯେଉଁ ରୋଜଗାର କରିବେ, ତାହା ଅନ୍ତତଃ ସର୍ବନିମ୍ନ ମଜୁରୀ ସହ ସମାନ ହେଉଥିବ ।

(୩) ତୃତୀୟତଃ, ଦୁର୍ନୀତି ଓ କମ୍ ମଜୁରି ପଇଠର ସମସ୍ୟାକୁ ଲାଘବ କରିବା ପାଇଁ ମାପଚୁପ୍‌ର ମାନଦଣ୍ଡ (ଜଣକିଆ ବନାମ ମିଳିତ), ତଥା କାର୍ଯ୍ୟସଂପାଦନ ଓ ମାପଚୁପ୍ ମଧ୍ୟରେ ଥିବା ସମୟ-ବ୍ୟବଧାନ ଇତ୍ୟାଦିକୁ ନିର୍ଦ୍ଧାରଣ କରିବାକୁ ପଡିବ ।

୬.୭.୨ ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟ, ସମୟ ଓ ଗତି ବିଷୟରେ ସାମଗ୍ରୀକ ଅନୁଧ୍ୟାନ କରାଯାଇ ପାରେ । ଏଭଳି ଅନୁଧ୍ୟାନ ଶ୍ରମର ଫଳାଫଳକୁ ଲକ୍ଷ୍ୟ କରିବ ଏବଂ ନିର୍ଦ୍ଦିଷ୍ଟ ପ୍ରକାର ସ୍ଥାନରେ ମିଳୁଥିବା ସବିଶେଷ ଫଳାଫଳ ଭିତ୍ତିରେ ମଜୁରୀ ହାର ଧାର୍ଯ୍ୟ କରିବ । ଏହାର ତାତ୍ପର୍ଯ୍ୟ ହେଉଛି, ଗୋଟିଏ ଜିଲ୍ଲା ଭିତରେ ଏବଂ ବିଭିନ୍ନ ଜିଲ୍ଲାମାନଙ୍କରେ ରହିଥିବା ଭିନ୍ନ ଭିନ୍ନ ଭୂ-ରୂପୀୟ ଏବଂ ଜଳବାୟୁଗତ ଅବସ୍ଥା ପରିପ୍ରେକ୍ଷିରେ ପରିଲକ୍ଷିତ ହେଉଥିବା ଭିନ୍ନଭିନ୍ନ ଫଳାଫଳ ଅନୁସାରେ ଉତ୍ପାଦନଶୀଳତାର ମାନଦଣ୍ଡ ନିର୍ଦ୍ଧାରିତ ହେବ । ଯେଉଁ ସବୁ ଅଞ୍ଚଳମାନଙ୍କର ଅବସ୍ଥିତିରେ ସ୍ୱତନ୍ତ୍ରତା ରହିଛି ଏବଂ ମାଟି, ଗଡାଣି ଏବଂ ଭୂତାତ୍ତ୍ୱିକ ଅବସ୍ଥାର ଭିନ୍ନତା ରହିଛି ତଥା ଋତୁଗତ ବୈଚିତ୍ର୍ୟ ରହିଛି, ସେସବୁ ଅଞ୍ଚଳ ପାଇଁ ଉପରୋକ୍ତ ନୀତିର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ସୁତରାଂ ପ୍ରଶାସନିକ ସୀମାରେଖା ନୁହେଁ, ବରଂ ପାରିପାର୍ଶ୍ୱିକ ସୀମାରେଖାକୁ ଭିତ୍ତି କରି ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ମଜୁରି-ହାରକୁ ନେଇ ଏକ ମହାସାରଣୀ (ମାଟ୍ରିକ୍ସ) ପ୍ରସ୍ତୁତ କରାଯିବା ଆବଶ୍ୟକ । ମଜୁରି ହାରର ଅନୁସୂଚୀ ଏହିସବୁ ଅଧ୍ୟୟନ ଭିତ୍ତିରେ ପ୍ରସ୍ତୁତ ହୋଇ ପାରେ ।

୬.୭.୩ ଏକି ନିର୍ଦ୍ଦିଷ୍ଟ ସ୍ଥାନରେ ସମାନ ଧରଣର କାର୍ଯ୍ୟ ଏବଂ ସମାନ ଧରଣର ଶ୍ରମ-ଫଳ ପରିପ୍ରେକ୍ଷୀରେ ଭିନ୍ନ ଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କର ମଜୁରି ହାର ଅନୁସୂଚୀ ସମାନ ହେବା ପାଇଁ ବାଧ୍ୟ । ଯେହେତୁ ଭିନ୍ନ ଭିନ୍ନ ବିଭାଗ ଓ ସଂସ୍ଥା ନିର୍ବିଶେଷରେ ମଜୁରି ହାର ଅନୁସୂଚୀଗୁଡିକ ଆନୁଭୂମିକ ଭାବେ ପ୍ରଯୁଜ୍ୟ, ସେଗୁଡିକ ରାଜ୍ୟର କ୍ଷମତା ସଂପନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଜ୍ଞାପିତ ହେବା ଉଚିତ୍ ।

୬.୭.୪ ଏହିସବୁ ମଜୁରି-ହାରକୁ ସାଧାରଣ ଭାବେ ବୋଧଗମ୍ୟ ହେଉଥିବା ଏକ ଢାଞ୍ଚାରେ ସ୍ଥାନିତ କରି ସ୍ୱଂୟକ୍ରୀୟ ଭାବେ ପ୍ରକଟନ କରାଯିବା ସହିତ ବ୍ୟାପକ ଭାବେ ପ୍ରସାରିତ ହେବା ଆବଶ୍ୟକ । ବିଶେଷ କରି ଏହାକୁ ସ୍ଥାନୀୟ ଭାଷାରେ ତଥା ଲୋକମାନେ ବ୍ୟବହାର କରୁଥିବା ଅଟକଳର ପରିଭାଷାରେ କାର୍ଯ୍ୟସ୍ଥଳୀଠାରେ ଏପରି ଭାବେ ପ୍ରଦର୍ଶିତ କରାଯିବ, ଯାହା ଫଳରେ ଶ୍ରମିକମାନେ ପଢି ପାରୁଥିବେ ଏବଂ ବୁଝି ପାରୁଥିବେ ।

୬.୭.୫ କାର୍ଯ୍ୟସ୍ଥଳୀର ଦାୟିତ୍ୱରେ ଥିବା ଯୋଗ୍ୟତାସମ୍ପନ୍ନ ବୈଷୟିକ ଜ୍ଞାନ-କୁଶଳୀ କର୍ମଚାରୀ ମାନଙ୍କ ଦ୍ୱାରା ଅନୁରକ୍ଷିତ ହେଉଥିବା ମାପଚୁପ୍ ବହିରେ ମାପ ସମ୍ବନ୍ଧୀୟ ତଥ୍ୟ ଦରଜ କରାଯିବ । ସାଥୀମାନଙ୍କ ଦ୍ୱାରା କରାଯାଉଥିବା ଦୈନନ୍ଦିନ ମାପଚୁପ୍ ସହିତ ବୈଷୟିକ ଜ୍ଞାନ-କୁଶଳୀ କର୍ମଚାରୀ ମାନଙ୍କ ଦ୍ୱାରା କରାଯାଉଥିବା ମାପଚୁପ୍‌ର ତାଳମେଳ ରହିବା ଉଚିତ୍ । ମଜୁରି ପ୍ରଦାନର ଏକ ସପ୍ତାହ ପୂର୍ବରୁ ଯୋଗ୍ୟତାସମ୍ପନ୍ନ କର୍ମଚାରୀଙ୍କ ଦ୍ୱାରା ମାପଚୁପ୍‌ର ଯାଞ୍ଚ ସରିଥିବ । ମାପଚୁପ୍ ପ୍ରତିଦିନ ଏବଂ ସ୍ୱଚ୍ଛତା ପୂର୍ଣ୍ଣ ଢଙ୍ଗରେ କରାଯିବ ।

## ୬.୮ କାର୍ଯ୍ୟସ୍ଥଳୀର ସୁବିଧାମାନ-

୬.୮.୧ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା କାର୍ଯ୍ୟସ୍ଥଳୀର ସୁବିଧାଗୁଡିକୁ ସୁନିଶ୍ଚିତ କରାଯିବ । ଚିକିତ୍ସା ସହାୟତା, ପିଇବା ପାଣି, ଛାଇ ଜାଗା ଏବଂ ଯେଉଁ ସ୍ଥଳେ ୬ବର୍ଷରୁ କମ୍ ବୟସର ୫ଜଣରୁ ଅଧିକ ପିଲା ଥିବେ, ସେପରି ସ୍ଥଳେ ଶିଶୁଯତ୍ନ ବ୍ୟବସ୍ଥା (କ୍ରେଚ୍) ଯୋଗାଇ ଦେବାକୁ ପଡିବ (ଦ୍ରଷ୍ଟବ୍ୟ: ଏନ୍.ଆର୍.ଇ,ଜି.ଏ. , ଅନୁସୂଚୀ-୨, ବିନ୍ଦୁ ୨୭ ଏବଂ ୨୮) ।

୬.୮.୨ ଯଦି ଗୋଟିଏ କାର୍ଯ୍ୟସ୍ଥଳୀରେ ୬ବର୍ଷରୁ କମ୍ ବୟସର ୫ଜଣରୁ ଅଧିକ ପିଲା ଥିବେ, ତେବେ ସେମାନଙ୍କୁ ଦେଖାଶୁଣା କରିବା ପାଇଁ ଜଣେ ବ୍ୟକ୍ତି (ଅଧିକ ଭଲ ହେବ ଜଣେ ସ୍ତ୍ରୀ ଲୋକ ହୋଇଥିଲେ)ଙ୍କୁ ଏନ୍.ଆର୍.ଇ.ଜି.ଏସ୍. ଅଧୀନରେ ନିୟୋଜନ କରିବା ଉଚିତ୍ । ଅଣ-କୁଶଳୀ ଶ୍ରମିକଙ୍କ ପାଇଁ ପ୍ରଯୁଜ୍ୟ ଥିବା ମଜୁରି ହାର ସହିତ ସମାନ ହାରରେ ତାଙ୍କୁ ମଜୁରି ଦିଆଯିବ । ଏହି ଖର୍ଚ୍ଚକୁ ଅଲଗା ଭାବେ ଲିପିବଦ୍ଧ କରିବାକୁ ପଡିବ ଏବଂ ଏହା ମାପଚୁପ୍ ସାପେକ୍ଷ କାର୍ଯ୍ୟ ଶ୍ରେଣୀ ଭିତରେ ଅନ୍ତର୍ଭୁକ୍ତ ହେବ ନାହିଁ ।

୬.୮.୩ ଶିଶୁଯତ୍ନ ସ୍ଥାନ (କ୍ରେଚ୍) ଏଭଳି ବାଛିବାକୁ ପଡିବ ଯାହା ଫଳରେ ଏହାର ସର୍ବୋତ୍ତମ ଉପଯୋଗ କରିହେବ । ସାଧାରଣତଃ ଗୋଟିଏ ବା ଏକାଧିକ କାର୍ଯ୍ୟସ୍ଥଳୀ ପାଇଁ ଗୋଟିଏ ଶିଶୁଯତ୍ନ ସ୍ଥାନ ଖୋଲିବାକୁ ପଡିବ ।

## ୬.୯ ପ୍ରକଳ୍ପ ସମାପ୍ତି ବିବରଣୀ (ପି.ସି.ଆର୍.) -

ପ୍ରତି ପ୍ରକଳ୍ପ ସମାପ୍ତ ହେଲା ପରେ କାର୍ଯ୍ୟ ରେଜିଷ୍ଟର୍‌ରେ ବିହିତ ହୋଇଥିବା ପ୍ରରୂପ ଅନୁସାରେ ଗୋଟିଏ ପ୍ରକଳ୍ପ ସମାପ୍ତି ବିବରଣୀ ପ୍ରସ୍ତୁତ କରିବାକୁ ପଡିବ ଏବଂ ସେଥିରେ ସ୍ଥାନିତ ତଥ୍ୟାବଳୀକୁ ଜଣେ ବରିଷ୍ଠ ଅଧିକାରୀ ଯାଞ୍ଚ କରିବେ । କାର୍ଯ୍ୟର ନିଦର୍ଶନ ପାଇଁ ସମାପ୍ତ କାର୍ଯ୍ୟଟିର ଏକ ଫଟୋଗ୍ରାଫ୍ ନେବାକୁ ପଡିବ ଏବଂ ପି.ସି.ଆର୍.ରେ ସଂଲଗ୍ନ କରିବାକୁ ପଡିବ । କାର୍ଯ୍ୟନିର୍ବାହୀ ସଂସ୍ଥାର କାର୍ଯ୍ୟାଳୟରେ ଥିବା କାର୍ଯ୍ୟ ସଂପର୍କୀତ ଫାଇଲ୍‌ରେ ଏହା ସାଇତା ହୋଇ ରହିବ । କାର୍ଯ୍ୟଟି ଯେ ସମାପ୍ତ ହୋଇଛି ସେ ସମ୍ବନ୍ଧରେ କୌଣସି ଯାଞ୍ଚ ହେବା ବେଳେ ଏହା ଏକ ଉପାଦେୟ ରେକର୍ଡ ଭାବେ କାମ ଦେବ ।